# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 13 December - 2024

### News Editor : Itishree Singh Rathaur

********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ମୁଖ୍ୟ ଶାସନ ସଚିବଙ୍କ ଜାତୀୟ ସମ୍ମିଳନୀ ।

- ରାଜ୍ୟର ସବୁ ଜିଲ୍ଲାରେ ଆସନ୍ତା ୫ ବର୍ଷରେ ମେଡିକାଲ କଲେଜ ସ୍ଥାପନ ହେବ : କହିଲେ ମୁଖ୍ୟମନ୍ତ୍ରୀ ।

  - ସ୍ୱାସ୍ଥ୍ୟ, ଉଚ୍ଚଶିକ୍ଷା ବିଭାଗର ୩୭୬ ଜଣଙ୍କୁ ବଣ୍ଟନ କଲେ ନିଯୁକ୍ତିପତ୍ର ।

- ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ସମୟରେ ଶ୍ରୀଜୀଉଙ୍କ ନୀତିକାନ୍ତି ଓ ଶୃଙ୍ଖଳିତ ଦର୍ଶନକୁ ଦିଆଯିବ ଗୁରୁତ୍ୱ ।

ଏବଂ

- ୨୦୦୧ ସଂସଦ ଆକ୍ରମଣକୁ ଆଜି ପୁରିଲା ୨୩ ବର୍ଷ : ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ।

*PIB*

## ମୁଖ୍ୟ ଶାସନ ସଚିବ ସମ୍ମିଳନୀ

ନୂଆଦିଲ୍ଲୀରେ ଆସନ୍ତାକାଲିଠାରୁ ମୁଖ୍ୟ ଶାସନ ସଚିବମାନଙ୍କ ଦୁଇଦିନିଆ ଜାତୀୟ ସମ୍ମିଳନୀ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ସମ୍ମିଳନୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନସଚିବ ତଥା ବରିଷ୍ଠ ଅଧିକାରୀମାନେ ଯୋଗଦେବେ। ସମ୍ମିଳନୀରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରିତା ବିଷୟରେ ଆଲୋଚନା ହେବ। ଏହାସହ ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ଉଦ୍ୟମିତା, ଦକ୍ଷତା ବିକାଶ, ନବୀକରଣ ଉର୍ଜା, ନିରନ୍ତର ବିକାଶ ଆଦି ଲକ୍ଷ୍ୟ ହାସଲ ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମଧ୍ୟ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି।

***BBSR***

# ନିଯୁକ୍ତି ମେଳା

ରାଜ୍ୟର ସବୁ ଜିଲ୍ଲାରେ ଆସନ୍ତା ୫ ବର୍ଷରେ ମେଡିକାଲ କଲେଜ ସ୍ଥାପନ ହେବ। ସରକାର ରୋଗୀମାନଙ୍କ ଚିକିତ୍ସାକୁ ପ୍ରାଥମିକତା ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନଠାରେ ଆୟୋଜିତ ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀ ଆଜି ସ୍ୱାସ୍ଥ୍ୟ ଓ ଉଚ୍ଚଶିକ୍ଷା ବିଭାଗର ୩୭୬ ଜଣ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କୁ ରାଜ୍ୟରେ

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆଣିବା ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି।

# - V/O -

ନବନିଯୁକ୍ତଙ୍କ ମଧ୍ୟରେ ୮୫ ଜଣ ହୋମିଓପାଥିକ୍ ମେଡ଼ିକାଲ ଅଫିସର, ୨୩୯ ଜଣ ରେଡିଓଗ୍ରାଫର ଏବଂ ୫୨ ଜଣ ଅଧ୍ୟାପକ ନିଯୁକ୍ତିପତ୍ର ଗ୍ରହଣ କରିଛନ୍ତି।

***HS***

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ମାଲକାନଗିରି, କୋରାପୁଟ ଓ ସମ୍ବଲପୁରକୁ ତିନିଦିନିଆ ଗସ୍ତରେ ଯାଉଛନ୍ତି। ମାଲକାନଗିରିରେ କୃଷକ ମେଳା, ପଲ୍ଲିଶ୍ରୀ ମେଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସହ ସରକାରୀ ଏବଂ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଏହାସହ କୋରାପୁଟରେ ଅନୁଷ୍ଠିତ ହେବାକୁ ଥିବା ଲୋକମହୋତ୍ସବ 'ପରବ'ରେ ଯୋଗଦେବେ। ସେହିପରି ସମ୍ବଲପୁରରେ ଅନେକ ସରକାରୀ ଓ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦାନ କରି ମୁଖ୍ୟମନ୍ତ୍ରୀ ରାଜ୍ୟ ଓ ଜିଲ୍ଲାର ବିକାଶ କାର୍ଯ୍ୟକ୍ରମର ସମୀକ୍ଷା କରିବେ ବୋଲି ଜଣାପଡ଼ିଛି।

***Puri***

# ଇକୋ ରିଟ୍ରିଟ୍

କୋଣାର୍କ ଇକୋ ରିଟ୍ରିଟ୍‌କୁ ଆଜି ଅପରାହ୍ନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିବେ। ପୁରୀ କୋଣାର୍କ ବେଳାମାର୍ଗ ମୁଖ୍ୟ ରାସ୍ତା ନିକଟ ରାମଚଣ୍ଡୀ ମୁହାଣ ନିକଟରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଇକୋ ରିଟ୍ରିଟ୍‌ର ଷଷ୍ଠ ସଂସ୍କରଣର ଆୟୋଜନ କରାଯାଉଛି। ଏହି ଇକୋ ରିଟ୍ରିଟ୍‌ରେ ୩୦ଟି ଡିଲକ୍ସ କଟେଜ୍, ୨୦ଟି ପ୍ରିମିୟମ୍ କଟେଜ୍ ଭଳି ସମୁଦାୟ ୭୦ଟି ତମ୍ବୁଘର ନିର୍ମାଣ କରାଯାଇଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଜଳକ୍ରୀଡ଼ା ତଥା ମନୋରଞ୍ଜନର ବ୍ୟବସ୍ଥା ହୋଇଛି। ପର୍ଯ୍ୟଟକମାନେ ଆସନ୍ତା ୧୫ ତାରିଖ ରବିବାର ଦିନଠାରୁ ପୂର୍ବରୁ ବୁକ୍ କରିଥିବା ତମ୍ବୁଘରରେ ରହିପାରିବେ।

ଗତ ପହିଲାରୁ ରାଜ୍ୟର ୬ଟି ସ୍ଥାନରେ ଇକୋ ରିଟ୍ରିଟ୍ ଆରମ୍ଭ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ କୋରାପୁଟ ଜିଲ୍ଲାର ପୁଟସିଲ, ଗଞ୍ଜାମର ସୁନାପୁର, ଭିତରକନିକା, ଦାରିଙ୍ଗିବାଡି, ସାତକୋଶିଆ ଓ ହୀରାକୁଦରେ ଇକୋ-ରିଟ୍ରିଟ୍ ଆରମ୍ଭ ହୋଇ ମାର୍ଚ୍ଚ ମାସ ୧ ତାରିଖ ପର୍ଯ୍ୟନ୍ତ ଚାଲିବ।

***Nayagarh***

## କାଉଁରୀ-୨୦୨୪

ସ୍ୱଦେଶୀ ସାମଗ୍ରୀକୁ ଗୁରୁତ୍ୱ ଦେଲେ ଗାଁ ସମେତ ରାଜ୍ୟ ଓ ଦେଶର ବିକାଶ ସମ୍ଭବ ବୋଲି ନୟାଗଡ଼ ଜିଲ୍ଲା ରାଜସୁନାଖଳା ମହୋତ୍ସବ କାଉଁରୀ-୨୦୨୪ର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ

ଯୋଗଦେଇ ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ରାଜ୍ୟପାଳ କହିଛନ୍ତି ମହୋତ୍ସବ ଏବଂ ମେଳା ଗାଁରେ ଭାଇଚାରାର ଭାବ ସୃଷ୍ଟି କରିଥାଏ। ଏହି ସମାରୋହରେ ବାଚସ୍ପତି ସୁରମା ପାଢ଼ୀ, ପଞ୍ଚାୟତରାଜ ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

***GNR***

## ସଂସଦ ଆକ୍ରମଣର ବର୍ଷପୂର୍ତ୍ତି

୨୦୦୧ ମସିହା ସଂସଦ ଆକ୍ରମଣର ଆଜି ୨୩ ବର୍ଷ ପୂର୍ତ୍ତି ହୋଇଛି। ଆତଙ୍କବାଦୀଙ୍କ ଆକ୍ରମଣରୁ ସଂସଦକୁ ରକ୍ଷା କରିଥିବା ଶହୀଦ ଯବାନମାନଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି ଉଲ୍ଲେଖ କରିଛନ୍ତି ସୁରକ୍ଷାକର୍ମୀଙ୍କ ସାହସ ଏବଂ ନିଃସ୍ୱାର୍ଥପର ସେବା ଦେଶବାସୀଙ୍କ ପାଇଁ ପ୍ରେରଣା। ଦେଶ ବୀର ଯବାନ ଏବଂ ସେମାନଙ୍କ ପରିବାର ପ୍ରତି କୃତଜ୍ଞ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କହିଛନ୍ତି ସେମାନଙ୍କ ସାହସ ଓ ସମର୍ପଣ ପାଇଁ ଦେଶ ସର୍ବଦା କୃତଜ୍ଞ ହୋଇ ରହିବ।

ଲୋକସଭା ଓ ରାଜ୍ୟସଭାରେ ଆଜି ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବୀର ସୁରକ୍ଷାକର୍ମୀଙ୍କୁ ସମ୍ମାନ ଜଣାଇ ଗୃହର ସଦସ୍ୟମାନେ ନୀରବ ପ୍ରାର୍ଥନା କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ବୀର ଶହୀଦଙ୍କ ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

*Puri*

## ରତ୍ନଭଣ୍ଡାର ମରାମତି

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ନେଇ ଆଜି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପ୍ରଥମେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏ.ଏସ୍.ଆଇ) ଭିତର ଓ ପରେ ବାହାର ରତ୍ନଭଣ୍ଡାର ମରାମତି କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ପ୍ରଶାସନର ମାର୍ଗଦର୍ଶିକା ଅନୁସାରେ ମରାମତି କରାଯିବ। ମରାମତି କାର୍ଯ୍ୟ ଦ୍ୱିତୀୟ ଭୋଗମଣ୍ଡପ ନୀତି ପରେ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ଶ୍ରୀଜୀଉଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ନୀତିକାନ୍ତିକୁ ଗୁରୁତ୍ୱ ଦିଆଯିବ ବୋଲି ବୈଠକରୁ ଜଣାପଡ଼ିଛି। ମରାମତି ସମୟରେ ଡାକ୍ତରୀ ଟିମ୍, ଅଗ୍ନିଶମ କର୍ମଚାରୀ, ପୁଲିସ୍ ମୃତୟନ ନେଇ ବିସ୍ତୃତ ଭାବେ ଆଲୋଚନା ହୋଇଛି। ସୂଚନା ଅନୁସାରେ ପୂର୍ବରୁ ଛତିଶା ନିଯୋଗ ବୈଠକରେ ଆସନ୍ତା ୧୭ ତାରିଖ ଠାରୁ ମରାମତି କାର୍ଯ୍ୟ ଆରମ୍ଭ ହେବାନେଇ ନିଷ୍ପତ୍ତି ହୋଇଥିଲା।

*Cuttack*

## ରାଜ୍ୟ ବୃତ୍ତିଗତ ପ୍ରତିଯୋଗିତା

କଟକ ରିଜର୍ଭ ପୋଲିସ ପଡ଼ିଆରେ ୬୯ତମ ରାଜ୍ୟ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୋଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଯୋଗଦେଇ କହିଛନ୍ତି, ଦେଶରେ ନୂତନ ଭାବେ ଲାଗୁହୋଇଥିବା ଭାରତୀୟ

ନ୍ୟାୟସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ ଏବଂ ଭାରତୀୟ ନାଗରିକ ସୁରକ୍ଷା ସଂହିତା ପୋଲିସ ଅଧିକାରୀଙ୍କ ବୃତ୍ତିଗତ ଜ୍ଞାନ ଓ ଦକ୍ଷତା ବୃଦ୍ଧିରେ ସହାୟକ ହେବ। ବୈଷୟିକ ଜ୍ଞାନକୌଶଳ ଓ ଆଧୁନିକ ବିଧିକୁ ଉପଯୋଗ କରି ତ୍ୱରିତ ନ୍ୟାୟ ପ୍ରଦାନ କରିବା ଉପରେ ଡିଜିପି ଶ୍ରୀ ଖୁରାନିଆ ଗୁରୁତ୍ୱ ଆରୋପ କରିଛନ୍ତି। ସତ୍ୟ ଓ ନ୍ୟାୟର ପରିଭାଷା ପୋଲିସ ପାଖରୁ ଆରମ୍ଭ ହୁଏ ଏବଂ ନ୍ୟାୟ ଦେବାର ମୂଳପିଣ୍ଡ ହେଉଛି ପୋଲିସ ବୋଲି ଶ୍ରୀ ଖୁରାନିଆ କହିଛନ୍ତି।

ରାଜ୍ୟର ୩୭ ପୋଲିସ୍ ଜିଲ୍ଲାରୁ ୩୧୭ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ୧୮ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। କ୍ରାଇମବ୍ରାଞ୍ଚ ଆଇ.ଜି. ସଫିନ୍ ଅହମ୍ମଦ ପ୍ରତିଯୋଗୀମାନଙ୍କୁ ଶପଥପାଠ କରାଇଥିଲେ। ଆସନ୍ତା ୧୬ ତାରିଖ ମଙ୍ଗଳବାର ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡ଼ିଛି।

***Nayagarh***

## ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନା

ନୟାଗଡ଼ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥିରୀକୃତ ୩୬ଗୋଟି

ମାନଦଣ୍ଡରେ ଯୋଗ୍ୟ ବିବେଚିତ ହୋଇଥିବା ୭ଗୋଟି ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ସେହି ଗ୍ରାମଗୁଡ଼ିକର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସିଥିବା ଯୋଜନାଗୁଡ଼ିକ ଜିଲ୍ଲାସ୍ତରୀୟ ପ୍ରକଳ୍ପ ଅନୁମୋଦନ କମିଟି ଦ୍ୱାରା ଗୃହୀତ ହୋଇଥିଲା । ଏତଦ୍‌ବ୍ୟତୀତ ନୟାଗଡ଼ ଜିଲ୍ଲାରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟଗୁଡ଼ିକର ବିନିଯୋଗ ପ୍ରମାଣପତ୍ର ଦେବାପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ଜିଲ୍ଲା ମଙ୍ଗଳ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି ।

***Ganjam***

## କୃଷକ ପ୍ରଚାର ରଥ

ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ କୃଷକ ପ୍ରଚାର ରଥର ଶୁଭାରମ୍ଭ ହୋଇଛି । ଉପଜିଲ୍ଲାପାଳ ଅନିଲ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ରଥକୁ ଶୁଭାରମ୍ଭ କରିଛନ୍ତି । ଚଳିତ ବର୍ଷ ପଞ୍ଜୀକୃତ ସମସ୍ତ ଚାଷୀଙ୍କଠାରୁ ଯେପରି ସୁରୁଖୁରୁରେ ଧାନ କିଣାଯିବ ସେଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରାଯାଇଛି । ଆଜିଠାରୁ ଏହି ରଥ ଉପଖଣ୍ଡର ବିଭିନ୍ନ ଗାଁ ପରିକ୍ରମା କରି ଚଳିତ ବର୍ଷର ଧାନକିଣା ବାବଦରେ ଚାଷୀମାନଙ୍କୁ ସଚେତନ କରିବ । ଧାନ ବିକ୍ରୟ ପରେ ଚାଷୀମାନେ ୨୩୦୦ ଟଙ୍କାର ସର୍ବନିମ୍ନ ସହାୟକ ମୂଲ୍ୟ ଓ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ରାଶି ପାଇବା ନେଇ ପ୍ରଚାର ମାଧ୍ୟମରେ ଅବଗତ କରାଯାଉଛି ।

***Ganjam***

## ଯୁବ ମହୋତ୍ସବ

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଜିଲ୍ଲା ସଂସ୍କୃତି ଭବନଠାରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲ୍ଲା ପ୍ରଶାସନ ଏବଂ ବ୍ରହ୍ମପୁର ନେହେରୁ ଯୁବକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଦେଶ ଗଠନରେ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମାଜର ଭବିଷ୍ୟତ ନିର୍ଦ୍ଧାରଣରେ ଯୁବପୀଢ଼ି ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଆସିଛନ୍ତି ବୋଲି ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଥିଲେ।

***Ganjam***

## ବ୍ରହ୍ମପୁର ସହରରେ ଆଳୁ

ଉତ୍ତରପ୍ରଦେଶରୁ ପ୍ରାୟ ୩୫୦ କୁଇଣ୍ଟାଲ ଆଳୁ ଆସି ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସହରରେ ପହଞ୍ଚିଛି। ସହରରେ ଥିବା ୭୪ଟି ସାଧାରଣ ବଣ୍ଟନ କେନ୍ଦ୍ରରେ କିଲୋ ପିଛା ୩୦ ଟଙ୍କା ଦରରେ ଏହି ଆଳୁକୁ ବିକ୍ରି କରାଯାଉଛି। କଳାବଜାରୀ ଓ ଚଢ଼ାଦରରେ ଆଳୁ ବିକ୍ରି କରୁଥିବା ବେପାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

***Debgarh***

## ପ୍ରସ୍ତୁତି ବୈଠକ

ଦେବଗଡ଼ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକ ଅତିରିକ୍ତ

ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ନୂତନ ଜ୍ଞାନକୌଶଳ ଓ ଆଧୁନିକ ପ୍ରଯୁକ୍ତିବିଦ୍ୟା ଦ୍ୱାରା କିପରି ବିପର୍ଯ୍ୟୟର ମୁକାବିଲା କରିହେବ ସେ ନେଇ ଆଲୋଚନା ହୋଇଥିଲା ।

***Dhenkanal***

# ଲିଙ୍ଗଗତ ହିଂସାବିରୋଧି ଅଭିଯାନ

ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଆୟୋଜିତ ୧୬ ଦିନିଆ ଲିଙ୍ଗଗତ ହିଂସାବିରୋଧି ଅଭିଯାନ ଆଜି ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଗତମାସ ୨୫ ତାରିଖରୁ ଆରମ୍ଭ ହୋଇଥିବାବେଳେ ବିଭିନ୍ନ ପ୍ରତିଯୋଗିତା ଓ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।